# ଜିଲାପାଳ, ଏସ୍‌ପିଙ୍କୁ ସିଜିମାଳି ଘଟଣାର ରିପୋର୍ଟ ପ୍ରଦାନକଲା କଂଗ୍ରେସ କମିଟି

**ରାୟଗଡା,୧୧।୪(ଆଶିଷ ରଞ୍ଜନ ପଣ୍ଡା)**


ଜିଲାପାଳଙ୍କ ସହ ଉପସ୍ଥିତ କଂଗ୍ରେସ ନେତା ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ସିଜିମାଳି ପାହାଡ଼ ଚତୁଃପାର୍ଶ୍ୱରେ ଥିବା ଗାଁଗୁଡିକର ସ୍ଥିତି ଅନୁଧ୍ୟାନ ପାଇଁ ଶୁକ୍ରବାର କଂଗ୍ରେସର ୧୦ ଜଣିଆ ଟିମ୍ ସେଠାକୁ ଯାଇ ପ୍ରସ୍ତୁତ କରିଥିବା ରିପୋର୍ଟ ଶନିବାର ଜିଲାପାଳ, ଏସ୍‌ପିଙ୍କୁ ପ୍ରଦାନ କରିଛନ୍ତି। ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଏବଂ ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କୁ ସାକ୍ଷାତକରି ୪ଟି ପ୍ରମୁଖ ଦାବି ଉଲ୍ଲେଖ କରିବା ସହିତ ବେନିୟମ ଘଟଣା ଉପରେ ନିନ୍ଦା କରି ଦୁଇ ଫର୍ଦ୍ଦର ଚିଠା ପ୍ରଦାନ କରିଛନ୍ତି।

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳ ଶୁକ୍ରବାର ସିଜିମାଳି ଅଞ୍ଚଳର କଣ୍ଟାମାଳ, ଶାଗବାରୀ ଏବଂ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନକରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଆଦିବାସୀଙ୍କ ସହିତ ସବୁବେଳେ ଦୃଢ଼ ଭାବରେ ଠିଆ ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। କଂଗ୍ରେସ ନେତା ଜିଲା ପ୍ରଶାସନ ଦ୍ୱାରା ବେନିୟମ ଭାବେ ହୋଇଥିବା କାର୍ଯ୍ୟର ନିନ୍ଦା କରିବା ସହ ପ୍ରମୁଖ ୪ଟି ଦାବି ଉଲ୍ଲେଖ କରିଛନ୍ତି। ନିୟମଗିରି ଗ୍ରାମସଭା ପ୍ରକ୍ରିୟା ପରି, ନ୍ୟାୟିକ ତଦାରଖରେ ଏକ ନିରପେକ୍ଷ ଓ ସ୍ୱଚ୍ଛ ଗ୍ରାମସଭା ପ୍ରକ୍ରିୟା ସିଜିମାଳିରେ କରାଯିବା ଉଚିତ। ପ୍ରକଳ୍ପ କାର୍ଯ୍ୟ ପୂର୍ବରୁ ସମସ୍ତ ବିଚାରାଧୀନ ସାମୁଦାୟିକ ଓ ବ୍ୟକ୍ତିଗତ ଜଙ୍ଗଲ ଅଧିକାରକୁ ତୁରନ୍ତ ସ୍ୱୀକୃତି ତଥା ସମାଧାନ କରାଯିବା, ନିରୀହ ଗ୍ରାମବାସୀଙ୍କ ବିରୋଧରେ ଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର କରାଯିବା ଏବଂ ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଉଲ୍ଲେଖ ରହିଛି। ସେହିପରି ସ୍ଥାନୀୟ ପ୍ରତିନିଧି, ଏମ୍‌ପି, ବିଧାୟକଙ୍କୁ ନେଇ ଏକ ମିଳିତ କମିଟି ଗଠନ କରାଯିବା ଉଚିତ। ଯାହା ମାଧ୍ୟମରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ ଆଲୋଚନା ଆରମ୍ଭ କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯାଇପାରିବ ଏବଂ ସମସ୍ତ ନିଷ୍ପତ୍ତି ସାମ୍ବିଧାନିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଅନୁପାଳନରେ ନିଶ୍ଚିତ କରାଯିବ ବୋଲି ଦାବି ରହିଛି। ଏହାସହିତ ଗୋଟିଏ ଦିନରେ ୮ଟି ଗ୍ରାମସଭାକୁ ମିଥ୍ୟା ଓ କପୋଳକଳ୍ପିତ ବୋଲି ଅଭିଯୋଗ ରହିଛି। ଆଇନ ଓ ସାମ୍ବିଧାନିକ ସୁରକ୍ଷାର ରକ୍ଷକ ଭାବେ ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ଖଣିର ସହାୟକ ଭାବେ ନୁହେଁ ବରଂ ଲୋକଙ୍କ ସ୍ୱାର୍ଥରେ କାର୍ଯ୍ୟ କରିବା ଉଚିତ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଜିଲାପାଳ,ଏସ୍‌ପିଙ୍କ ସହ ଆଲୋଚନା ଏବଂ ଦାବିପତ୍ର ଦେବା ସମୟରେ ବିରୋଧୀ ଦଳ ନେତା ତଥା ବିଧାୟକ ରାମଚନ୍ଦ୍ର କାଡାମ, କାଡ୍ରାକା ଆପାଲାସ୍ୱାମୀ, ନୀଳମାଧବ ହିକକା, ସତ୍ୟଜିତ ଗମାଙ୍ଗ, ରାଜ୍ୟ କଂଗ୍ରେସ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦାୟର ଅର୍ଥ ଶେଷ ନୁହେଁ, ନୂତନ ଜୟଯାତ୍ରାର ଆରମ୍ଭ


କଲେଜ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ର ।

**ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା**

**ଗୁଣପୁର,୧୧।୪ (ସୁଜାତା ପାଢ଼ୀ)**

ଗୁଣପୁର ବ୍ଲକ ଡ଼ମ୍ବସରା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଇଂଲିଶ ବିଭାଗର ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨ୟ ଓ ୪ର୍ଥ ସେମିଷ୍ଟରର ଛାତ୍ରୀଛାତ୍ର ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଭାଗୀୟ ମୁଖ୍ୟ କହିଥିଲେ, ବିଦାୟର ଅର୍ଥ ଶେଷ ନୁହେଁ, ବରଂ ଏହା ଏକ ନୂତନ ଜୟଯାତ୍ରାର ଆରମ୍ଭ। କଲେଜ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦାୟୀ ଛାତ୍ରୀଛାତ୍ର କଲେଜ ଜୀବନର ଅଭୁଲା ସ୍ମୃତିଚାରଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଇଂଲିଶ ବିଭାଗର ଅଧ୍ୟାପକ ବେଲାଳସେନ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଟିକିର,୧୧।୪ (ପ୍ରଫୁଲ୍ଲ କୁମାର ବେହେରା)**

କାଶୀପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୨୫ ବର୍ଷ ପୂର୍ତ୍ତି ଅବସରରେ ଦୁଇଦିନ ଧରି ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରଥମ ଦିନରେ ଅତିଥି ରୂପେ କାଶୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କଣ୍ଠ ମାଝୀ, ବକ୍ତା ରୂପେ ଆଦିବାସୀ ସଂଘ ସଭାପତି ଶିବ ମାଝୀ ଏବଂ ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରୀୟ ଆଦିବାସୀ ମୋର୍ଚ୍ଚାର ସାଧାରଣ ସମ୍ପାଦକ କାଳିରାମ ମାଝୀ, ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଅତିରିକ୍ତ ଶିକ୍ଷାଧିକାରୀ ପବିତ୍ର ମୋହନ ନାଏକ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ଦ୍ୱିତୀୟ ଦିନରେ ଅତିଥି ରୂପେ ଉତ୍କଳ ଆଲୁମିନା ପ୍ରକଳ୍ପ ମୁଖ୍ୟ ରବି ନାରାୟଣ ମିଶ୍ର, ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ସରପଞ୍ଚ ଜଗବନ୍ଧୁ ମାଝି ଏବଂ ସନ୍ଧ୍ୟା ଅଧିବେଶନରେ ଅତିଥି ରୂପେ ରାୟଗଡ଼ ସଂକୁଳ ପ୍ରମୁଖ ରମେଶ ଚନ୍ଦ୍ର ଜେନା, ବକ୍ତା ରୂପେ ଦକ୍ଷିଣ ସମ୍ଭାଗର ସଭାପତି ରୂପସିଂ ରାଉତ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପାଇଁ ଭୂମି ଦାନ କରିଥିବା ସ୍ୱର୍ଗତ ପିତାମ୍ବର ସାହୁ ଏବଂ ଶିଶୁ ବିଦ୍ୟାମନ୍ଦିର ଗଠନ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଭରତ ଚନ୍ଦ୍ର ଗୁରୁଙ୍କ ପରିବାରକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୧୩ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**ବିଦ୍ୟାଳୟ ଚାଲୁ ରହିବା ସମୟରେ ବାହାରେ ବୁଲୁଥିଲେ**

**ଗୁଡ଼ାରି,୧୧।୪ (ପ୍ରମୋଦ କୁମାର ପତି)**

ରାୟଗଡ଼ା ଜିଲା ଗୁଡ଼ାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କାର୍ଯ୍ୟାଳୟର ଚିଠି ସଂଖ୍ୟା ୬୩୭/୨୦୨୬ ତାରିଖ ୧୦।୪।୨୦୨୬ ଅନୁଯାୟୀ ଗତ ୧୦ ତାରିଖ ପୂର୍ବାହ୍ନରେ ଏହି ୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ଚାଲୁ ରହିବା ସମୟରେ ଗୁଡ଼ାରି ସହର ଅତିକ୍ରମକରି ସ୍କୁଲ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ସମୟ ସକାଳ ୬ଟା୩୦ରୁ ଆରମ୍ଭ ହୋଇଥିବା ବେଳେ ଏହି ଶିକ୍ଷୟିତ୍ରୀ ଶିକ୍ଷକ ନିର୍ଦ୍ଧାରିତ ସମୟ ପରେ ଗୁଡାରି ସହର ଅତିକ୍ରମ କରିଥିଲେ। ତେଣୁ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ୩ ଦିନ ମଧ୍ୟରେ ଏହାର ଉତ୍ତର ଦେବା ପାଇଁ ନିର୍ଦ୍ଦେଶ ରହିଛି,ଯଦି ଏହାର ଖିଲାପ ହୁଏ ତେବେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା କହିଛନ୍ତି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁଡା ରୂପମାଝୀ ଏ ସମ୍ପର୍କରେ ତାଙ୍କୁ ଅବଗତ କରିବା ପରେ ସେମାନଙ୍କୁ ନୋଟିସ ଜାରି କରାଯାଇଛି। ଏହାଛଡ଼ା ୨ ଦିନ ପୂର୍ବେ ସେ ନିଜେ ମଧ୍ୟ ଏମ୍‌କେରାଇ ବିଦ୍ୟାଳୟ ନିକଟରେ କେତେଜଣ ଶିକ୍ଷକଙ୍କୁ ବିଦ୍ୟାଳୟ ଚାଲୁ ରହିବା ସମୟରେ ବାହାରେ ଦେଖିଥିବା ସୂଚନା ଦେଇଛନ୍ତି। ବିନା ସୂଚନାରେ ବିଦ୍ୟାଳୟ ସମୟରେ ବାହାରେ ଦେଖିଲେ ନିଶ୍ଚିତ ଭାବେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି। ଯେଉଁ ଶିକ୍ଷୟିତ୍ରୀ ଶିକ୍ଷକ ନିୟମତି ସମୟ ଅନୁସାରେ ବିଦ୍ୟାଳୟକୁ ଯାଇଥାନ୍ତି ସେମାନେ ବିଇଓଙ୍କ ଏହି କାର୍ଯ୍ୟକୁ ସ୍ୱାଗତ କରିଛନ୍ତି। ବ୍ଲକ ଶିକ୍ଷକ ସଂଘ ସଭାପତି ସୁବାସ ଚନ୍ଦ୍ର ଗୌଡ଼ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟ ଯିବାକୁ ଅନୁରୋଧ କରିବା ସହ ଆସନ୍ତା ସୋମବାର ଏ ନେଇ ବିଇଓଙ୍କୁ ସଂଘର ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି।


BLOCK EDUCATION OFFICE, GUDARI
Main Road Gudari, Pin- 765026, Dist- Rayagada(Odisha)
Email Id- beogudari.sme.od@nic.in/misplanninggudari@gmail.com, Contact No- 06862-260038

Letter No- 637 /2026 Dated 10/04/ 2026

To

The Headmasters,

Govt.UPS M.K.Rai, Govt.UPS Sakarbaju ,Govt.UPS Panganpadar, Govt.UPS Gerengapadar, Govt.UPS Jalanidhi ,Govt.PS Rengamaju ,Govt.HSS Kadama, Govt.PS Taltampur , Govt.UPS Sargiguda

Sub :- Regarding Issue of Show Cause Notice .

Sir /Madam,

It is came to the notice of the undersigned that, the following teachers are passing Gudari NAC at the time given below against their name, which shows their gross negligence and dereliction in duty to reach the school late. So the teacher concerned called for explanation as to why disciplinary action will not taken against them. Hence you are directed to submit the reply on the show cause issued against the teacher concerned within three days from date of issue of the letter.

1. Debashish Patra-7.27 am , 2. Panchanana Sahu-6.40 am, 3. Sabhasundar Patra-6.44 am , 4. Priyadarshini Parida-6-40 am, 5.Raju Kimbaka-6.46 am, 6. T.Kedarnatth-6.48 am, 7. Prafula Kumar Dora-6.52 am , 8.Manoj Bania-6.53am, 9. Rasmita Sabar-6.56 am, 10.Sulochana Dora-6.56 am , 11.Rijan Takiri -6.57 am ,12. Ashok Kumar Gamango-6.56am ,13.Binod Kumar Rath -6.58am,

Block Education Officer,
Gudari

Memo No- 638 /2026 Date 10/04/2026

Copy to all the CRCC under BEO Gudari for information and necessary action

Block Education Officer,
Gudari

ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠି।

# ସାକ୍ଷୀ ପାଇଁ ଆସିଥିବା ବ୍ୟକ୍ତିଙ୍କ ନାଁରେ ଏତଲା

**ଅବକାରୀ ବିଭାଗର ଦବଙ୍ଗଗିରି ଅଭିଯୋଗ**

**ବିଷମକଟକ,୧୧।୪ (ପ୍ରସନ୍ନ କୁମାର ପଣ୍ଡା)**


ଅଭିଯୋଗ କରିଥିବା ଦିନବନ୍ଧୁ ସାହୁ ।

ରାୟଗଡ଼ା ଜିଲା ବିଷମକଟକ ଥାନା ଅଞ୍ଚଳରେ ଅବକାରୀ ବିଭାଗ ଦବଙ୍ଗଗିରି କରୁଥିବା ଅଭିଯୋଗ ହୋଇଛି। ମଦ ଜବତ ମାମଲାରେ ସାକ୍ଷୀ ଦେବାକୁ ଆସିଥିବା ହାଟ ମୁନିଗୁଡ଼ା ପଞ୍ଚାୟତର ବକ୍ସି ଶିରିପୁର ଗ୍ରାମର ଜଣେ ବ୍ୟକ୍ତି ଦୀନବନ୍ଧୁ ସାହୁଙ୍କ ନାମରେ ବିଷମକଟକ ଅବକାରୀ ଥାନା ଅଧିକାରୀ ସବିରାମ ତାଣ୍ଡି ମିଥ୍ୟା କେସ୍ ରୁଜୁ କରିଥିବା ଅଭିଯୋଗ ହୋଇଛି। ଗତ ୨ତାରିଖରେ ତାଙ୍କୁ କୋର୍ଟରୁ ନୋଟିସ ଆସିବା ପରେ ତାଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜାଣିପାରିଲେ। ଗୁରୁବାର ସେ ଜାମିନରେ ଆସିଥିଲେ। ବିଷମକଟକ ଅବକାରୀ ବିଭାଗ ମଦ ମାଫିଆଙ୍କ ସହ ହାତ ମିଶାଇ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ମଦ ବିକିବା ସ୍ଥାନରେ ଚଢ଼ାଉକରି ମଦ ସହ ଧରିଲେ ମାମଲା ରୁଜୁକରିବା କଥା,କିନ୍ତୁ ସାକ୍ଷୀ ଦର୍ଶାଇ ବିନା କାରଣରେ ନିରୀହ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବା କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀରେ ବକ୍ସିଶିରିପୁରର ଦାସରଥିଙ୍କ ଘରେ ଅବକାରୀ ଚଢ଼ାଉ ବେଳେ ବିଷମକଟକ ଅବକାରୀ ବିଭାଗ ଥାନା ଅଧିକାରୀ ଦୀନବନ୍ଧୁ ସାହୁଙ୍କୁ ସାକ୍ଷୀ ଭାବେ ଥାନାକୁ ଆସିବା ପାଇଁ କହିଥିଲେ। ଦୀନବନ୍ଧୁ ଚାଟରାଗୁଡା ଅବକାରୀ ଥାନାରେ ପହଞ୍ଚିଥିଲେ । ହେଲେ ଅବକାରୀ ଥାନା ଅଧିକାରୀ ଦୀନବନ୍ଧୁସାହୁଙ୍କୁ ମଦ ଜବତ ସାକ୍ଷୀ ପାଇଁ ଗୋଟିଏ ଦସ୍ତଖତ ମାରନ୍ତୁ କହି ତାଙ୍କ ନାମରେ ମଦ ବିକ୍ରି କରୁଥିବା ମାମଲା ରୁଜୁ କରିଥିବା ଦୀନବନ୍ଧୁ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଷମକଟକ ଅବକାରୀ ଥାନା ଅଧିକାରୀ ତାଣ୍ଡିଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଉନାହାନ୍ତି। ଏ ସମ୍ପର୍କରେ ରାୟଗଡ଼ା ଜିଲା ଅବକାରୀ ଅଧୀକ୍ଷକ ଧଳସାମନ୍ତ ଦଳେଇଙ୍କୁ ଯୋଗାଯୋଗ କରିବାରୁ ଏହା ଏକ ନିନ୍ଦନୀୟ ଘଟଣା ବୋଲି କହିଛନ୍ତି। କୌଣସି ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁକରିବା ପୂର୍ବରୁ ତାଙ୍କଠାରୁ ମଦ ଏବଂ ସାମଗ୍ରୀ ଜବତ କରାଯିବା କଥା। ଏନେଇ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଅବକାରୀ ଥାନା ଅଧିକାରୀ ତାଣ୍ଡିଙ୍କ ନାମରେ ଦୀନବନ୍ଧୁ ସାହୁ ସୋମବାର ଥାନାରେ ଏତଲା ଦେବେ ବୋଲି ସୂଚନା ଦେଇଛନ୍ତି। ଅବକାରୀ ବିଭାଗ ଉପରିସ୍ଥ ଅଧିକାରୀ ଅତିଶୀଘ୍ର ତଦନ୍ତକରି ଅବକାରୀ ଥାନା ଅଧିକାରୀ ସବିରାମ ତାଣ୍ଡିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁକାନ୍ତ ସେଠୀ, ନିଶାନ୍ତ ପନଡା, ଆଶାରାମ ବାଗ, ସୁବାସ ପନଡା, କୁନ୍ତ ବେହେରା, ପୀତାମ୍ବର ରଣା, ବଳଭଦ୍ର ରଣାଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି।

# ଗୁଣପୁରରେ ଭୂଦାନ ସ୍ମୃତି ବିଚାର, ସଦ୍‌ଭାବନା ଯାତ୍ରାକୁ ସ୍ୱାଗତ

**ଗୁଣପୁର,୧୧।୪ ( ସୁଜାତା ପାଢ଼ୀ/ସଂକେତ ପାତ୍ର)**

ବିନୋବା ବିଚାର ପ୍ରବାହ କମିଟି ଦ୍ୱାରା ଆୟୋଜିତ ଭୂଦାନ ସ୍ମୃତି ବିଚାର ଓ ସଦ୍‌ଭାବନା ଯାତ୍ରା ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇ ତାମିଲନାଡୁର ପୋଚମପଲ୍ଲୀଠାରେ ଆସନ୍ତା ୧୮ ଭୂକ୍ରାନ୍ତି ଦିବସରେ ସମାପନ ହେବ। ଏହି ଯାତ୍ରା ସୁଦୂର ଉତ୍ତରପ୍ରଦେଶ ସାହାଯାହାନପୁର ବିନୋବା ସେବାଶ୍ରମର ପ୍ରତିଷ୍ଠାତା ବିନୋବାଙ୍କ ପଟ୍ଟଶିଷ୍ୟ ଅନୁଗାମୀ ସାମାଜିକ କର୍ମୀ ରମେଶ ଭାଇଜୀଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ତାଙ୍କ ସହ ରାକେଶ କୁମାର ପାଣ୍ଡେ, ସେବା ଗ୍ରାମର ଜଳନ୍ଧରନାଥ ଏବଂ ହରିୟାଣାର ରାଜେନ୍ଦ୍ର ଭାଇଜୀ ରହିଛନ୍ତି। ଏହି ଭୂଦାନ ସ୍ମୃତି ବିଚାର ଓ ସଦ୍‌ଭାବନା ଯାତ୍ରା ଗୁଣପୁରରେ ପହଞ୍ଚିବା ପରେ ଗୁଣପୁର ସେବା ସମାଜ କାର୍ଯ୍ୟାଳୟଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଆଇନଜୀବୀ ଫଣିଭୂଷଣ ପଟ୍ଟନାୟକ, ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ, ସେବା ସମାଜର ସଭାପତି ମାୟା ଶବର ଏବଂ ଯାତ୍ରାରେ ଆସିଥିବା ଅତିଥି ମଞ୍ଚାସୀନ ରହି ଆସିଥିବା ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମାଜିକ କର୍ମୀ ଉମାଶଙ୍କର ଦାଶ ସଭା ପରିଚାଳନା କରିଥିଲେ। ରାକେଶ ଭାଇଜୀ ଯାତ୍ରାରେ ଆସିଥିବା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରମେଶ ଭୂଦାନ ସଦଭାବନା ଯାତ୍ରାଠାରୁ ଆରମ୍ଭ କରି ଶିକ୍ଷା, ନାରୀ ଶିକ୍ଷା ଆଜିର ସମାଜରେ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଯୁବନେତା ରାମ ପଣ୍ଡା, ଅମର ସହୁ, ପି. ରବି , ଚିନ୍ମୟ ପାଣିଗ୍ରାହୀ, ଶିକ୍ଷକ ରମେଶ ମିଶ୍ର ସେବା ସମାଜର ସମସ୍ତ କର୍ମୀ ଯୋଗ ଦେଇଥିଲେ। ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ରମେଶ ଭାଇଜୀ ଏବଂ ସାଥୀ ସ୍ୱାଧୀନତା ସଂଗ୍ରାମୀ ପୀଠ ବାଇରୁ ଗମାଙ୍ଗ ଆଶ୍ରମରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ସ୍ମୃତି ସଭା କରିଥିଲେ। ସେହି ସଭାରେ ୧୯୫୫ ରେ ବିନୋବାଙ୍କ ୧୧ ଦିନର ରହଣି,ଭୂମି ଦାନ ସହ ଗ୍ରାମଦାନ ସମ୍ପର୍କରେ ପୁନରାବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ପରିଚାଳନା କରିଥିଲେ ।



ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଗୁଡ଼ାରି ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ ଦାବି ଜୋର୍ ଧରିଲା

**ବଂଶଧାରା ଜଳ ବିବାଦ**

- ଆନ୍ଧ୍ରର ନେରେଡି, କାଟ୍ରାଗାଡା ପ୍ରକଳ୍ପ ପରିଦର୍ଶନକଲା ସିପିଆଇ ଏମ୍ଏଲ୍ ଲିବରେଶନ

**ଗୁଣପୁର,୧୧।୪ (ସୁଜାତା ପାଢ଼ୀ/ ସଂକେତ ପାତ୍ର)**


ସିପିଆଇ ଏମ୍ଏଲ୍ ଲିବରେଶନର ଏକ ଟିମ୍ ଆନ୍ଧ୍ରର ନେରେଡି ପ୍ରକଳ୍ପ ଅଞ୍ଚଳ ଅନୁଧ୍ୟାନ କରୁଛନ୍ତି ।

ଆନ୍ଧ୍ରର କାଟ୍ରାଗାଡା ଫେଜ୍-୨ ପ୍ରକଳ୍ପକୁ ସୁପ୍ରିମକୋର୍ଟ ଟ୍ରିବ୍ୟୁନାଲ ଟିମ୍ ସବୁଜ ସଙ୍କେତ ଦେବା ପରେ ରାୟଗଡ଼ା ଜିଲା ଗୁଡ଼ାରି ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ ପାଇଁ ଦାବି ଜୋର୍ ଧରିଛି । ଶନିବାର ସିପିଆଇ ଏମ୍ଏଲ୍ ଲିବରେଶନର ଏକ ଟିମ୍ ଆନ୍ଧ୍ରର ଉଭୟ ନେରେଡି ଓ କାଟ୍ରାଗାଡା ପ୍ରକଳ୍ପ ଅଞ୍ଚଳ ବୁଲି ଅନୁଧ୍ୟାନ କରିଛନ୍ତି । ବଂଶଧାରା ନଦୀ ଓଡ଼ିଶାରୁ ବାହାରି ଥିବାବେଳେ ଅଧିକ ଓଡ଼ିଶା ଦେଇ ପ୍ରବାହିତ ହେଉଛି। କିନ୍ତୁ ଆନ୍ଧ୍ର ଦେଇ କମ୍ ପ୍ରବାହିତ ହେଉଛି । ହେଲେ ବଂଶଧାରା ପାଣିକୁ ଆନ୍ଧ୍ର ନେଇ ଉପଯୋଗ କରୁଥିବା ବେଳେ ଓଡ଼ିଶା ଫେଲ୍ ମାରିଛି। ଆଗାମୀ ଦିନରେ ସରକାର ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ ନ କରିଲେ ଆନ୍ଦୋଳନକୁ ତୀବ୍ରତର କରାଯିବା ନେଇ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସିପିଆଇ (ଏମ୍ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଆନ୍ଧ୍ରର ପ୍ରକଳ୍ପ ଅଞ୍ଚଳ ବୁଲି ଅନୁଧ୍ୟାନ କରିଛନ୍ତି । ଏହି ଟିମ୍‌ରେ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଅଶୋକ ପ୍ରଧାନ, ମହେନ୍ଦ୍ର ପରିଡା, ଅନାସିମ ଶବର, ବୃନ୍ଦାବନ ବିଡିକା ଓ ଅନ୍ୟମାନେ ସାମିଲ ଥିଲେ ।

ବଂଶଧାରା ନଦୀ ବିବାଦରେ କେନ୍ଦ୍ର ଭାଜପା ସରକାର କ୍ରମାଗତ ଭାବେ ଓଡ଼ିଶା ଉପରେ ଅନ୍ୟାୟ କରିଚାଲିଛନ୍ତି । ନିଜ ରାଜନୈତିକ ସ୍ୱାର୍ଥ ସାଧନ ଲାଗି ଭାଜପା ସରକାର ସବୁବେଳେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପ୍ରତି ସମ୍ବେଦନଶୀଳ ରହି ଆସିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା କାରଣରୁ ବଂଶଧାରା ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ଦୁର୍ବଳ ହୋଇପଡିଛି । ରାଜ୍ୟରେ ବିଜେଡି ସରକାର ଶାସନ ଥିବା ବେଳେ ପ୍ରତ୍ୟେକ ଜଳସେଚନ ପ୍ରକଳ୍ପ ଓ ନଦୀ ଜଳ ସୁରକ୍ଷା ଦିଗରେ ଦୂରଦର୍ଶୀ ଲକ୍ଷ୍ୟ ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥର ହିତ ଚିନ୍ତା କରିଥିବା କାରଣରୁ ଅନେକ ପଦକ୍ଷେପ ନେଇଛନ୍ତି । ବିଶେଷକରି ବଂଶଧାରା ଜଳ ବିବାଦର ସ୍ଥାୟୀ ସମାଧାନ ନିମନ୍ତେ କୌଣସି ବଡ଼ ନଦୀର ଉପରମୁଣ୍ଡରେ ବଡ଼ ପ୍ରକଳ୍ପ କରିବା ଦ୍ୱାରା କେନ୍ଦ୍ରର ଅନୁମତି ଆବଶ୍ୟକ ପଡୁଥିବା କାରଣରୁ ଏହାକୁ ଏଡାଇ ବଂଶଧାରା ନଦୀ ଜଳରେ ଓଡ଼ିଶାର ୫୦ ପ୍ରତିଶତ ଜଳ ହକ୍‌କୁ କାର୍ଯ୍ୟରେ ଲଗାଇ ଛୋଟ ଛୋଟ ପ୍ରକଳ୍ପ ଦ୍ୱାରା ବଂଶଧାରା ଅବବାହିକା ଚାଷୀ, ଜନତା ଓ ପରିବେଶ ସୁରକ୍ଷା ନିମନ୍ତେ ଯୋଜନା କରି ପ୍ରାୟ ୧୨୦୦ କୋଟି ଟଙ୍କା ଅନୁମୋଦନ କରିଥିଲେ । କିନ୍ତୁ ବର୍ତ୍ତମାନ ଭାଜପା ସରକାର ନିଜ ସାଥି ଆନ୍ଧ୍ରପ୍ରଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଉକ୍ତ ପ୍ରକଳ୍ପକୁ ଶୀତଳ ଭଣ୍ଡାରରେ ଫୋପାଡିଦେବା ଦୁର୍ଭାଗ୍ୟଜନକ । ରାଜ୍ୟ ସରକାର ଟାଳଟୁଳ ନୀତି ଛାଡି ବଂଶଧାରା ଅବବାହିକାର ଜନସାଧାରଣ, ଚାଷୀ ଓ ପରିବେଶ ସୁରକ୍ଷା ନିମନ୍ତେ ନଦୀର ଉପରମୁଣ୍ଡରେ ସ୍ଥାୟୀ ନଦୀବନ୍ଧ ଯୋଜନା କାରାଯାଉ ବୋଲି ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି। ନଚେତ୍ ନଦୀ ଅବବାହିକାରେ ବି ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟିହେବ। ତେଣୁ ଏ ଦିଗରେ ଦୃଷ୍ଟିଦେବାକୁ ଦାବି କରାଯାଇଛି ।

# ୯୦ ହୋମ୍‌ଗାର୍ଡ ପଦବୀ ପାଇଁ ୪୬୭୨ ଆଶାୟୀ ଦେଲେ ପରୀକ୍ଷା

**୫ମ ଶ୍ରେଣୀ ଯୋଗ୍ୟତା ଚାକିରି ପାଇଁ ଉଚ୍ଚ ଶିକ୍ଷିତଙ୍କ ଭିଡ଼**

ନବରଙ୍ଗପୁର,୧୧।୪(ସଦାଶିବ ପ୍ରହରାଜ)

ହୋମ୍‌ଗାର୍ଡ ଚାକିରି ପାଇଁ ଉଚ୍ଚ ଶିକ୍ଷିତଙ୍କ ଭିଡ଼। ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତା ପଞ୍ଚମ ଶ୍ରେଣୀ ରହିଥିବା ବେଳେ ଏଥିପାଇଁ ଆବେଦନକରି ଲିଖିତ ପରୀକ୍ଷା ଦେଇଛନ୍ତି ଏମ୍‌ଏ, ଗ୍ରାଜୁଏଟ, ବିଏଡ୍, ବି.ଟେକ୍‌ଆଶାୟୀ। ନବରଙ୍ଗପୁର ଜିଲାରେ ୯୦ଟି ହୋମ୍‌ଗାର୍ଡ ପଦବୀ ପାଇଁ ୪୬୭୨ ଜଣ ଆଶାୟୀ ପରୀକ୍ଷା ଦେଇଛନ୍ତି। ଏଥିରେ ପାସ୍ ହେଲେ ଫିଜିକାଲ ଟେଷ୍ଟ ଦେବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ଉଚ୍ଚ ଶିକ୍ଷିତ ଆଶାୟୀ। ସାଢେ ୪ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ରହିଥିବାରୁ କୌଣସି କେନ୍ଦ୍ରରେ ପରୀକ୍ଷା କରା ନ ଯାଇ ପୋଲିସ ରିଜର୍ଭ ପଡିଆରେ ପରୀକ୍ଷା ଆୟୋଜିତ କରାଯାଇଥିଲା।

ନବରଙ୍ଗପୁର ଜିଲାର ୯୦ଟି ହୋମ୍‌ଗାର୍ଡ ପଦବୀ ପାଇଁ ଜିଲାରେ ମୋଟ ୫୪୬୭ ଜଣ ଆଶାୟୀ ଆବେଦନ କରିଥିଲେ। ବିଭିନ୍ନ କାରଣରୁ ୭୯୪ ଜଣ ଆଶାୟୀ କଟିଯାଇଥିଲେ । ୪୬୭୨ ଜଣ ଆଶାୟୀ ଶନିବାର ଲିଖିତ ପରୀକ୍ଷା ଦେଇଛନ୍ତି। ୪୬୭୨ଜଣ ଆଶାୟୀଙ୍କ ମଧ୍ୟରୁ ୧୦ ଜଣ ପୋଷ୍ଟ ଗ୍ରାଜୁଏଟ୍, ୧୧ ଜଣ ଏମ୍‌ଏ, ୪ ଜଣ ବିଏଡ୍, ୧୧ ଜଣ ବିଟେକ, ୧୧୦୯ ଜଣ ଗ୍ରାଜୁଏଟ, ୩୭ ଜଣ ଡିପ୍ଲୋମା / ଆଇଟିଆଇ କରିଛନ୍ତି। ସେହିଭଳି ମାଟ୍ରିକ ଓ + ୨ ପରୀକ୍ଷାର୍ଥୀ ଯଥାକ୍ରମେ ୧୫୫୫୫ ଓ ୧୫୮୫ ଜଣ ରହିଛନ୍ତି । ତେବେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ପୋଲିସ ରିଜର୍ଭ ପଡିଆରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଅନ୍ୟପଟେ ଖୋଲା ପଡ଼ିଆରେ ପରୀକ୍ଷା ହେଉଥିବାରୁ ଖରା ଟାଣ ହେବା ପୂର୍ବରୁ ଅର୍ଥାତ୍ ସକାଳ ୯ ଟାରେ ପରୀକ୍ଷା ସରିଯାଇଥିଲା । ନବରଙ୍ଗପୁର ଏସ୍‌ପି ଏମ୍.ମଡକର ସମ୍ପତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ଲିଖିତ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପରୀକ୍ଷା କେନ୍ଦ୍ର କୁ ସିସିଟିଭି ନଜରରେ ରଖାଯାଇଥିଲା। ଟାଣଖରାକୁ ଦୃଷ୍ଟିରେ ରଖି ପାନୀୟ ଜଳର ବ୍ୟବସ୍ଥା ସହ ଓଆର୍‌ଏସ ମଧ ରଖାଯାଇଥିଲା। ନବରଙ୍ଗପୁର ଜିଲା ମୈଦଲପୁର ଗ୍ରାମର ସୁରଜ କୁମାର ନାୟକଙ୍କ ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ୍ । ଚାକିରି ପାଇଁ ଅପେକ୍ଷା କରି ରହିଥିବା ବେଳେ ନବରଙ୍ଗପୁର ଜିଲାରେ ହୋମ୍‌ଗାର୍ଡ ପଦବୀ ପାଇଁ ବାହାରିଥିବା ଜାଣି ଆବେଦନ କରିଥିବା ସେ କହିଛନ୍ତି। ସେହିଭଳି ପାପଡାହାଣ୍ଡି ବ୍ଲକ୍‌ର ମନୋଜ କୁମାର ହରିଜନ ଓ ନବରଙ୍ଗପୁର ସହର ମିଶନ କମ୍ପାଉଣ୍ଡରେ ରହୁଥିବା ବଗିତା ନାଗ ଉଚ୍ଚ ଶିକ୍ଷିତା ହୋଇଥିଲେ ମଧ ହୋମ୍‌ଗାର୍ଡ ଚାକିରି ପାଇଁ ପରୀକ୍ଷା ଦେଇଛନ୍ତି । ପରୀକ୍ଷାରେ ପ୍ରଶ୍ନ ସହଜ ଥିବା ପରୀକ୍ଷାର୍ଥୀମାନେ ପ୍ରକାଶ କରିଛନ୍ତି। ଲିଖିତ ପରୀକ୍ଷା ପରେ ପରବର୍ତ୍ତୀ ଶାରିରିକ ପରୀକ୍ଷା ପାଇଁ ମଧ ପ୍ରସ୍ତୁତି କରୁଥିବା ପରୀକ୍ଷାର୍ଥୀମାନେ କହିଛନ୍ତି ।

## କୁକୁର କାମୁଡ଼ା ଗାଈର କ୍ଷୀର ପିଇ ଲୋକେ ଆତଙ୍କିତ


ଇଞ୍ଜେକ୍ସନ ନେବାକୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଭିଡ଼।

**ଜଳାତଙ୍କ ଆଶଙ୍କାରେ ଇଞ୍ଜେକ୍ସନ ନେବାକୁ ମେଡିକାଲରେ ଲୋକଙ୍କ ଭିଡ଼**

ଉମରକୋଟ,୧୧।୪ (ସନ୍ତୋଷ ଶତପଥି)

କୁକୁର କାମୁଡ଼ିଥିବା ଏକ ଗାଈ କ୍ଷୀର ପିଇବା ପରେ ଜଳାତଙ୍କ ରୋଗ ବ୍ୟାପିବା ଆଶଙ୍କାରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। କୁକୁର କାମୁଡ଼ା ଗାଈର କ୍ଷୀର ପିଇଥିବାରୁ କୌଣସି ଅଘଟଣ ଘଟିବା ଭୟରେ ଲୋକେ ଇଞ୍ଜେକ୍ସନ ନେବା ପାଇଁ ଶନିବାର ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼ ଜମାଇଛନ୍ତି। ଶନିବାର ପ୍ରାୟ ୫୨ ଜଣ ଇଞ୍ଜେକ୍ସନ ନେଇଛନ୍ତି । ରିପୋର୍ଟ ଅନୁସାରେ, ବର୍ତ୍ତମାନ ସୁଦ୍ଧା କେହି ଗୁରୁତର ହୋଇନାହାନ୍ତି । ତଥାପି ସତର୍କତାମୂଳକ ଭାବେ ସମସ୍ତେ ପ୍ରତିଷେଧକ ଇଞ୍ଜେକ୍ସନ ନେଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣା ଉପରେ ନଜର ରଖିଥିବା ବେଳେ ଗ୍ରାମବାସୀ ଆତଙ୍କିତ ନ ହେବାକୁ କହିଛି। ଯଦି କେହି କିଛି ଅସୁବିଧା ଅନୁଭବ କରନ୍ତି ତା'ହେଲେ ତୁରନ୍ତ ଚିକିତ୍ସାଳୟକୁ ଆସିବାକୁ ଡାକ୍ତର ଅର୍ପିତା ପ୍ରିତମ ନାୟକ ପରାମର୍ଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଉମରକୋଟ ପୌରାଞ୍ଚଳ ୧୨ ନମ୍ବର ୱାର୍ଡର ଅଶ୍ରୁ ରାୟଙ୍କ ଗାଈ ନିକଟରେ ପ୍ରଥମକରି ବାଛୁରୀ ଜନ୍ମ କରିଥିବାରୁ ସେ ୱାର୍ଡର ଅନେକ ଘରକୁ କ୍ଷୀର ବାଣ୍ଟିଥିଲେ। କିଛି ପରିବାର ମଧ୍ୟ ପ୍ରତିଦିନ ତାଙ୍କ ଘରୁ କ୍ଷୀର ନେଇ ପିଉଥିଲେ। ଅନ୍ୟପଟେ ଗୋପାଳକ ଅଶ୍ରୁ ରାୟଙ୍କ ଗାଈ ୨ଦିନ ତଳେ ଅସୁସ୍ଥ ହେବାରୁ ସେ ଗାଈକୁ ପ୍ରାଣୀ ଚିକିତ୍ସକଙ୍କ ନିକଟକୁ ନେଇଥିଲେ । ଗାଈକୁ କୁକୁର କାମୁଡ଼ିଥିବାରୁ ସେ ପାଗଳ ଭଳି ହେଉଛି କହି ଚିକିତ୍ସା କରିଥିଲେ । କିନ୍ତୁ ଶୁକ୍ରବାର ସନ୍ଧ୍ୟାରେ ହଠାତ୍ ଗାଈର ମୃତ୍ୟୁ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏବେ ଇଞ୍ଜେକ୍ସନ ନେବା ପାଇଁ ଅପେକ୍ଷା କରିଛନ୍ତି।

## ସରପଞ୍ଚ, ପିଇଓଙ୍କ ମନମୁଖି କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

**ଥାନାରେ ଏତଲା**

ନବରଙ୍ଗପୁର, ୧୧।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କେ.ସେମଳା ପଞ୍ଚାୟତ ସରପଞ୍ଚ ଓ ପିଇଓଙ୍କ ମନମୁଖି କାର୍ଯ୍ୟକଳାପକୁ ପୂଜାରିଗୁଡା ଗ୍ରାମବାସୀ ବିରୋଧକରି କୋଡ଼ିଙ୍ଗା ଥାନାରେ ଏତଲା ଦେବା ସହ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, କେ.ସେମଳା ପଞ୍ଚାୟତର ପୂଜାରିଗୁଡା ଗ୍ରାମ ନିକଟରେ ଏମ୍‌ଆଇ ପ୍ରକଳ୍ପର ଏକ ୧୦ ଏକର କ୍ଷମତା ଧାରଣ ଜଳାଶୟ ରହିଛି। ଏହି ଜଳାଶୟରେ ମାଛଚାଷ ନିମନ୍ତେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପଞ୍ଚାୟତ ଅଧିକାରୀ ୨୦୨୫/୨୬ରେ ଚିଠି ନଂ. ୨୫୦୩ ଅନୁଯାୟୀ ୨୬।୯।୨୫ ଅନୁଯାୟୀ ପଞ୍ଚାୟତର ଆୟ ନିମନ୍ତେ ଏହାର ନିଲାମ କରାଯାଉ ବୋଲି ପଞ୍ଚାୟତକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନିର୍ଦ୍ଦେଶକ୍ରମେ ୧୧।୧୧।୨୫ରେ ପଞ୍ଚାୟତରେ ନିଲାମ ଡକାଯାଇଥିଲା। ନିଲାମ ପ୍ରକାରେ ପୂଜାରିଗୁଡ଼ା ଗ୍ରାମର ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଚାୟତ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ରାଶି ୧୩,୫୦୦ ଦାଖଲକରି ଭାଗ ନେଇ ଥିଲେ। କିନ୍ତୁ ହଠାତ୍ ପଞ୍ଚାୟତ ଦ୍ୱାରା ନିଲାମକୁ ବାତିଲ କରାଯାଇ ଅନ୍ୟ ଏକ ଦିନ ଧାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଆଉ ନିଲାମ ଡକାଯାଇ ନ ଥିଲା। ବର୍ତ୍ତମାନ ପଞ୍ଚାୟତ କର୍ତ୍ତୃପକ୍ଷ ଜଳାଶୟରୁ ମାଛ ମାରି ବିକ୍ରି କରୁଛନ୍ତି। ଏ ନେଇ ପଞ୍ଚାୟତର ପିଇଓ ସଞ୍ଜୟ କୁମାର ମହାଜ୍ଜୁଡ଼ଙ୍କୁ ପଚାରିବାରୁ ଉପ ଜିଲାପାଳଙ୍କ ଚିଠି ପୂର୍ବରୁ ସେହି ଜଳାଶୟରେ ଅନ୍ୟ ଏକ ଗ୍ରାମର ଲୋକ ମାଛଚାଷ କରୁଥିଲେ । ତେଣୁ ଗତ ବର୍ଷ ଆମେ ନିଲାମ ବାତିଲ କରିଥିଲୁ। ବର୍ତ୍ତମାନ ଆମେ ସେଠାରୁ ମାଛ ଧରିନାହୁଁ। ଚଳିତ ବର୍ଷ ଅତିଶୀଘ୍ର ଏହାର ନିଲାମ କରାଯିବ ବୋଲି ସେ କହିଛନ୍ତି ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ


ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିବା ଗ୍ରାମବାସୀ ।

**୩ ଦିନ ହେଲା ଅନ୍ଧାରରେ ଚନ୍ଦ୍ରପୁରୀ ଗାଁ**

ଉମରକୋଟ,୧୧।୪ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମପଞ୍ଚାୟତର ଚନ୍ଦ୍ରପୁରୀ ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଥିବାରୁ ଗତ ୩ ଦିନ ହେଲା ଗ୍ରାମର ପ୍ରାୟ ୪୦ ପରିବାର ଅନ୍ଧାରରେ ରହିଛନ୍ତି। ଏନେଇ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ ନ କରିବାରୁ ଉତ୍ତ୍ୟକ୍ତ ଲୋକେ ଶନିବାର ଉମରକୋଟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏଥିସହ ତୁରନ୍ତ ଟ୍ରାନ୍ସଫର୍ମର ବଦଳାଇବା ପାଇଁ ଲିଖିତ ଭାବେ ଏକ ଦାବିପତ୍ର ପ୍ରଦାନ କରିବାକୁ ଆସିଥିଲେ । କିନ୍ତୁ ଶନିବାର ଛୁଟି ଥିବାରୁ ନିର୍ବାହୀ ଯନ୍ତ୍ରୀଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଶୀଘ୍ର ମରାମତି ପାଇଁ ଆଶ୍ୱାସନା ଦେବା ପରେ ଲୋକେ ଗାଁକୁ ଫେରି ଥିବା ଜଣାପଡ଼ିଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କରେଣ୍ଟ ନ ଥିବାରୁ ଗାଁରେ ଥିବା ୪୦ ପରିବାର ୩ ଦିନ ହେଲାଣି ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ଚାଷ କାମ ମଧ୍ୟ ବାଧାପ୍ରାପ୍ତ ହେଉଛି। ଏପରିକ ଅସହ୍ୟ ଗରମ ଯୋଗୁ ଲୋକେ ରାତିରେ ଶୋଇପାରୁନାହାନ୍ତି। ଘଟଣାକୁ ନେଇ ଉମରକୋଟ ବିଦ୍ୟୁତ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରୂପ ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗ୍ରାମର କେତେଜଣ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ବକେୟା ରହିଛି। ତାକୁ ପୈଠ କରିବାକୁ ଅନୁରୋଧ କରିଛନ୍ତି ଓ ଯଥା ଶୀଘ୍ର ଗାଁର ବିଦ୍ୟୁତ୍ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

## ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ଗୋବିନ୍ଦ ଜୈନଙ୍କୁ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି, ୧୧।୪ (ହିମାଂଶୁ ଦାସ)


ଗୋବିନ୍ଦ ଜୈନ

ନବରଙ୍ଗପୁର ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଜୈନଙ୍କୁ ପୁଣି ଥରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ପଦ ନିଯୁକ୍ତି ମିଳିଥିବାରୁ ଶୁକ୍ରବାର ଚନ୍ଦାହାଣ୍ଡି ବ୍ଲକ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଏଥିପୂର୍ବରୁ ସେ ରାୟଗଡା ଜିଲା ପ୍ରଭାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ୨୦୧୬ରେ ଦାୟିତ୍ୱରେ ଥିବା ପ୍ରକାଶ କରିଛନ୍ତି । ପୁଣି ଥରେ ଦଳ ତାଙ୍କ ଉପରେ ଆସ୍ଥା ରଖି ଦାୟିତ୍ୱ ଦେଇଥିବାରୁ ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ପାଦକ ମାନସ ମହାନ୍ତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏବଂ ଆଗାମୀ ଦିନରେ ନବରଙ୍ଗପୁର ଜିଲାର ଦଳୀୟ ସଂଗଠନ ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାମ କେମିତି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ଏବଂ ବିକାଶ ହୋଇପାରିବ ସେଥିପାଇଁ ସେ ଚେଷ୍ଟା କରିବେ ବୋଲି ସୂଚନା ଦେଇଛନ୍ତି।

## ମାଲକାନଗିରି ଜିଲାରୁ ସ୍ୱତନ୍ତ୍ର ସଦସ୍ୟ ଭାବେ ୩ ମନୋନୀତ


ନିମାଇଁ ପାଲ


ଉମ୍ବରୁ ଶିଶା


ସନ୍ତୋଷୀନୀ ପାତ୍ର

ମାଲକାନଗିରି/ମାଥିଲି, ୧୧।୪
(ଗୌରିଶଙ୍କର ପଣ୍ଡା/ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଦଳର ରାଜ୍ୟ କାର୍ଯ୍ୟକାରାଣୀକୁ ମାଲକାନଗିରି ଜିଲାରୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ୩ ବରିଷ୍ଠ ଭାଜପା ନେତାଙ୍କୁ ମନୋନୀତ କରାଯାଇଛି। ଭାଜପା ପୂର୍ବତନ ଜିଲା ସଭାପତି ନିମାଇଁ ପାଲ, ପୂର୍ବତନ ବିଧାୟକ ଉମ୍ବରୁ ଶିଶା ଓ ମହିଳା ମୋର୍ଚ୍ଚା ସଦସ୍ୟା ସନ୍ତୋଷୀନୀ ପାତ୍ର ରାଜ୍ୟ କାର୍ଯ୍ୟକରାଣୀ ସଦସ୍ୟ ରୂପେ ମନୋନୀତ ହୋଇଥିବା ଜଣାପଡିଛି। ଏହି ସଦସ୍ୟମାନଙ୍କୁ ମାଲକାନଗିରି ଭାଜପା କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଅ୍ୟପକ୍ଷରେ ଏହି ୩ଜଣଙ୍କ ମଧ୍ୟରେ ମନୋନୀତ ହୋଇଥିବା ମାଥିଲିର ସନ୍ତୋଷିନୀ ବର୍ତ୍ତମାନେ ଦଳର ମାଲକାନଗିରି ଜିଲା ଉପସଭାପତି ଭାବେ ଦାୟିତ୍ୱ ତୁଲାଉଛନ୍ତି। ଆଗାମୀ ଦିନରେ ସେ ଦଳ ପାଇଁ ଅଧିକ ସମୟ ଦେଇ କାର୍ଯ୍ୟ କରିବେ। ସରକାରଙ୍କ ଯୋଜନାଗୁଡିକ କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେ ଦିଗରେ ନିଜ କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି।

## ୧୪ରେ ହିନ୍ଦୁ ଏକତାବାହିନୀ ଶୋଭାଯାତ୍ରା

ନବରଙ୍ଗପୁର,୧୧।୪(ସଦାଶିବ ପ୍ରହରାଜ)

ଆସନ୍ତା ୧୪ ତାରିଖ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଚଳିତ ବର୍ଷ ନବରଙ୍ଗପୁର ହିନ୍ଦୁ ଏକତା ବାହିନୀ ପକ୍ଷରୁ ବିରାଟ ଶୋଭାଯାତ୍ରା କରାଯିବ। ଏହି ଅବସରରେ ସହର ମଧ୍ୟରେ ତୋରଣ ସାଜସଜ୍ଜା କରାଯିବ ବୋଲି ହିନ୍ଦୁ ଏକତା ବାହିନୀ ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଶୋଭାଯାତ୍ରା କମିଟି ଆବାହକ ଗୌରୀ ଶଙ୍କର ସାହୁଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୩ ଟାରେ ସ୍ଥାନୀୟ ଚାଉଁଆଗୁଡାଠାରୁ ଶୋଭାଯାତ୍ରା ବାହାରି ପୋଲିସ ପଡିଆ ପର୍ଯ୍ୟନ୍ତ ଯିବ। ଶୋଭାଯାତ୍ରାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ବେଳେ ପୋଲିସ ପ୍ରଶାସନ ପରାମର୍ଶ ଅନୁଯାୟୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନକୁ ବାରଣ କରାଯାଇଛି । ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ପାରମ୍ପରିକ ଲୋକ ନୃତ୍ୟ ଏଥିରେ ସାମିଲ କରାଯାଇଛି । ଚଳିତବର୍ଷ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ଭାବେ ଛତିଶଗଡ ରାୟପୁରର ଅଘୋରୀ ବାବା ଓ ମହାକାଳୀ, ଝାଙ୍କି ନୃତ୍ୟ ସହ ମହାରାଷ୍ଟ୍ରର ଲୋକନୃତ୍ୟ ଢୋଲ (ତାସା) ସାମିଲ କରାଯାଇଛି। ଏଥିସହ ସହରରେ ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ତୋରଣ ଓ ମନ୍ଦିର ଆକୃତି ତୋରଣ ନିର୍ମାଣ କରାଯାଇଛି । ଉକ୍ତ ଦିନ ସମସ୍ତ ମଦ ଦୋକାନ ବନ୍ଦ ରଖିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି ବୋଲି ସାହୁ କହିଛନ୍ତି । ସେହିଭଳି ଶୋଭାଯାତ୍ରା ଅବ୍ୟବହିତ ପୂର୍ବରୁ ରବିବାର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସନାତନୀ ଗଣଦୌଡ ଶ୍ରୀରାମ ମନ୍ଦିରଠାରୁ ଆରସିଡି ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସହ ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଅନନ୍ତ ପଣ୍ଡା, ନିନିବାବୁ ତ୍ରିପାଠୀ, ସଞ୍ଜୟ ସାହୁ, ସନ୍ତୋଷ କୁମାର, ବାବୁ ଯାଦବ, ଅନନ୍ତ ପଣ୍ଡା, ନିନୀବାବୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ପ୍ରାଥମିକ ଶିକ୍ଷକ ସଂଘ କୋଷାଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ସଂଘ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ତଥା କୋଷାଧକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ମାଲକାନଗିରି, ୧୧।୪(ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲା ଶିକ୍ଷକ ଭବନରେ ଶନିବାର ଅବସରପ୍ରାପ୍ତ ଶିକ୍ଷକ ତଥା ଜିଲା ପ୍ରାଥମିକ ଶିକ୍ଷକ ସଂଘ କୋଷାଧକ୍ଷ ଚିତ୍ତରଞ୍ଜନ ସରକାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘ ସଭାପତି ତାରକ ମଣ୍ଡଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ରାଜ୍ୟ ସଂଘ ଉପସଭାପତି ରଂଜିତ ନାୟକ, ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ଉପଦେଷ୍ଟା ରତ୍ନାକର ଦାସ, କୋରୁକୋଣ୍ଡା ବ୍ଲକ ସମ୍ପାଦକ ପ୍ରଶାନ୍ତ ବେହେରା, ସମାଜିକକର୍ମୀ ନିତ୍ୟାନନ୍ଦ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନଙ୍କ ବ୍ୟକ୍ତିତ୍ୱ ଓ ୩୧ ବର୍ଷ ଚାକିରୀ ଜୀବନ ଉପରେ ଅତିଥିମାନେ ଆଲୋକପାତ କରି ସେ ଜଣେ ନିଷ୍ଠାପର ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାମପ୍ରସାଦ ପାଢ଼ୀ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମନୋରଞ୍ଜନ ବେହେରା, ବିକାଶ ସେଠୀ, ଗଣେଶ ଜେନା, ମନୋରଞ୍ଜନ ସେଠୀ, ଶ୍ରୀଧର ସାହୁ, ପ୍ରଦୀପ ଦଳେଇ, ସୁରେନ୍ଦ୍ର ମହାରଣା, ଉମାକାନ୍ତ ମୁଦୁଲି, ବସନ୍ତ ରାଉତ, କଳ୍ପତରୁ ନାୟକ, ସୀମାଞ୍ଚଳ ଭୂୟାଁ, ଖଗେଶ୍ୱର ରାଉତ, ଜ୍ଞାନ ସ୍ୱାଇଁ ଓ ଅନ୍ୟମାନ ଉପସ୍ଥିତ ଥିଲେ।

## କଂଗ୍ରେସର ବିକ୍ଷୋଭ, ହେମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ

ନବରଙ୍ଗପୁର, ୧୧।୪(ସଦାଶିବ ପ୍ରହରାଜ)

ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ତଥା ରାଜ୍ୟସଭା ବିରୋଧୀ ଦଳନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ପ୍ରତିଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଆପତ୍ତିଜନକ ମନ୍ତବ୍ୟକୁ ବିରୋଧ କରି ନବରଙ୍ଗପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଲିପିକା ମାଝୀଙ୍କ ନେତୃତ୍ୱରେ ଜିଲା ସଦର ମହକୁମାସ୍ଥିତ ମୁଖ୍ୟ ରାସ୍ତା ତଥା ଜିଲା କଂଗ୍ରେସ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରି ହେମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଭୁଜବଳ ମାଝୀ, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ବୃନ୍ଦାବନ ତ୍ରିପାଠୀ, ନବରଙ୍ଗପୁର ବ୍ଲକ ସଭାପତି ଅବଦୁଲ ଫିରୋଜ, ତେନ୍ତୁଳିଖୁଣ୍ଟି ସଭାପତି ପ୍ରହ୍ଲାଦ ହିଆଲ, ଶିବରାମ ରାଜୁଙ୍କ ସହ ଅନେକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନବରଙ୍ଗପୁର ଦଳର ଦମ୍‌ଦାର ପ୍ରଦର୍ଶନ ଜାରି

**୧୬ ବର୍ଷରୁ କମ୍ ଅନ୍ତଃ ଜିଲା କ୍ରିକେଟ ପ୍ରତିଯୋଗିତା**

ନବରଙ୍ଗପୁର,୧୧।୪(ସଦାଶିବ ପ୍ରହରାଜ)

କଟକ ନିମାପୁର କ୍ରିକେଟ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ୧୬ ବର୍ଷରୁ କମ୍ ଅନ୍ତଃ ଜିଲା କ୍ରିକେଟ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲା ଦଳର ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛି। ପ୍ରଥମ ମ୍ୟାଚରେ ନବରଙ୍ଗପୁର ଜିଲା କ୍ରିକେଟ ଦଳ କୋରାପୁଟ ଜିଲା ଦଳକୁ ୧୨ ରନରେ ପରାସ୍ତକରି ଟୁର୍ନାମେଣ୍ଟରେ ନିଜର ପ୍ରଥମ ବିଜୟ ହାସଲ କରିଛି। ଉଚ୍ଚକୋଟିର ପ୍ରଦର୍ଶନ ପାଇଁ ନବରଙ୍ଗପୁର ଦଳର ସ୍ୱାଧୀନ ପଟ୍ଟନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ନବରଙ୍ଗପୁର ଦଳ ଦ୍ୱିତୀୟ ମ୍ୟାଚରେ ମାଲକାନଗିରି ଜିଲା ଦଳକୁ ୬୮ ରନରେ ପରାସ୍ତ କରି ଦମ୍‌ଦାର ବିଜୟ ହାସଲ କରିଛି। ଦଳର ଏହି ସଫଳତା ପାଇଁ ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଜିଲା କ୍ରୀଡା ସଂଘର ସହ ସମ୍ପାଦକ ଏମ୍. ବାଲାକ୍ରିଷ୍ଣା ରାଓ, ଜିଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲା କ୍ରୀଡା ସଂଘର କ୍ରିକେଟ ସମ୍ପାଦକ ଅଶୋକ ନାୟକଙ୍କ ସମେତ ଜିଲା କ୍ରିକେଟ ସଂଘର କୋଚ୍ ଜି ଚନ୍ଦ୍ର ଶେଖର,ସଂଘର ସଦସ୍ୟ ଦୁର୍ଯ୍ୟୋ ହରିଜନ, ଲାଲ ମହମ୍ମଦ ଖାନ ପ୍ରମୁଖ କ୍ରୀଡାବିତ୍‌ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଭଲ ମଣିଷ ହେବାପାଇଁ ଛାତ୍ର ଅବସ୍ଥାରୁ ସଂକଳ୍ପ ନିଅ

**ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ**

ମାଲକାନଗିରି, ୧୧।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ଶ୍ରୀରାମନଗରସ୍ଥିତ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ସଭାପତି ରବୀନ୍ଦ୍ର ମହାରଣା ଅଧକ୍ଷତା କରିଥିଲେ। ଜିଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ ମୁଖ୍ୟ ଅତିଥି, ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସ୍ୱତନ୍ତ୍ର ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳମଣି ପ୍ରଧାନ ମୁଖ୍ୟବକ୍ତା, ଘଡ଼ାଇ କଲେଜର ପରିଚାଳନା ନିର୍ଦ୍ଦେଶକ ଡ. ସୁରେଶ ଚନ୍ଦ୍ର ଘଡ଼ାଇ ଓ ଆଶିଷ ଜେନା, ଶିକ୍ଷା ବିକାଶ ସମିତିର ଦକ୍ଷିଣ ସମ୍ଭାଗର ନିରୀକ୍ଷକ ସୁକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ମା' ଭାରତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦଶମ ଶ୍ରେଣୀର ଶିଶୁ ଭଉଣୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ରଛାତ୍ରୀ, ଅତିଥି ଓ ଉପସ୍ଥିତ ଜନସାଧାରଣ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରଂ ଗାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ ସାମଲ ଅତିଥି ପରିଚୟ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ରମେଶ ଚନ୍ଦ୍ର ରାଉତ ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଜୀବନରେ ଜଣେ ଭଲ ମଣିଷ ହେବାପାଇଁ ଛାତ୍ର ଅବସ୍ଥାରୁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା, ଶିକ୍ଷା, ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରରାଯାଇଥିଲା। ଏହି ଅବସରରେ ବନମାଳୀ ପାତ୍ର ଓ ବିପ୍ର ମଣ୍ଡଳଙ୍କୁ ସମ୍ମାନିତ କରାଯାଇଥିଲା। ପରିଚାଳନ କମିଟି ଉପସଭାପତି ବିଚିତ୍ରାନନ୍ଦ ରାଉତ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ବିଚିତ୍ରା ପରିବେଷଣ ହୋଇଥିଲା। ସହ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ମହାନ୍ତି, ଆଚାର୍ଯ୍ୟ ରାଜକିଶୋର ବେହେରା, ଅଭିମନ୍ୟୁ ବେହେରା, ହରିହର ପଟ୍ଟନାୟକ, ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।

## ନିୟମିତ ଅଭ୍ୟାସ କଲେ କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ

**ବାଲିମେଳା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା**

କୋରୁକୋଣ୍ଡା,୧୧।୪(ଶିବଦତ୍ତ ସାହୁ )



ଉତ୍ସବରେ ମଞ୍ଚାସୀନ ଅତିଥି ।

ମାଲକାନଗିରି ଜିଲା ବାଲିମେଳା ସହରରେ ଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲଙ୍କ ତତ୍ତ୍ୱାବଧାନରେ ଶନିବାର ବିଦ୍ୟାଳୟର ୫୭ ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିମେଳା ଏନଏସି ଅଧକ୍ଷ ପ୍ରଦୀପ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ସମ୍ମାନିତ ଅତିଥି ଭାବେ ଓଡିଶା ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ଦେବ ପ୍ରସାଦ ଦାସ, ମାଲକାନଗିରି ଏମ୍‌ୟୁଜେ ସାମ୍ବାଦିକ ସଂଘର କୋରୁକୋଣ୍ଡା ବ୍ଲକ ସଭାପତି ଶିବଦତ୍ତ ସାହୁ, ବରିଷ୍ଠ ଶିକ୍ଷକ ଅଜୟ ନାୟକ, କାଉନସିଲର ମନୋଜ ଦେବ ପାଙ୍ଗି, ତୁଳାମଣି ଛତି, ଖବରଦାତା ସୁଭାଶିଷ କର, ପୂର୍ବତନ ବିଜ୍ଞାନ ପରିଦର୍ଶକ ଶରତ ରାଉତ, ବାଲିମେଳା ସାମ୍ବାଦିକ ସଂଘ ସଭାପତି ରବି ରଶ୍ମି ଗୁରୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ବେହେରା ଯୋଗ ଦେଇ ଥିଲେ। ଅତିଥିମାନେ କ୍ରୀଡା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶୃଙ୍ଖଳା ଓ ନିଷ୍ଠାର ସହ ନିୟମିତ ଅଭ୍ୟାସ କଲେ ଆଗାମୀ ଦିନରେ କ୍ରୀଡା କ୍ଷେତ୍ରରେ ନିଶ୍ଚୟ ସଫଳତା ମିଳିବ। କ୍ରୀଡା କ୍ଷେତ୍ରରେ ଜିଲାର ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ପିଲାଙ୍କ ପଠ ପଢା ସହିତ କ୍ରୀଡା ଗୁରୁତ୍ୱପୂର୍ଣ୍ଣ। ସମସ୍ତ ଶିଶୁ ଭଲ ପାଠ ପଢିବା ସହ ବିଭିନ୍ନ ପ୍ରକାର କ୍ରୀଡା, ନୃତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଜକୁ ସାମିଲ କରି ସବୁ କ୍ଷେତ୍ରରେ ସଫଳତା ହାସଲ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ମାନେ ହୋଇଥିବା ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ।

